# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**3 October – 2025**

---

# କେନ୍ଦ୍ର ସରକାର-ସ୍ୱଚ୍ଛତା ଅଭିଯାନ

ଗାନ୍ଧି ଜୟନ୍ତୀ ଅବସରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନ ଚଳିତମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ବିଭିନ୍ନ ମନ୍ତ୍ରଣାଳୟର ପ୍ରଶାସନିକ ସଂସ୍କାର, ଦକ୍ଷତା ବୃଦ୍ଧି, ନାଗରିକ କୈନ୍ଦ୍ରିକ ଶାସନ ବ୍ୟବସ୍ଥା, ଅଭିଯୋଗ ଗୁଡ଼ିକର ସମାଧାନ ଓ ଇ-ବର୍ଜ୍ୟବସ୍ତୁର ସୁପରିଚାଳନା ଦିଗରେ ପଦକ୍ଷେପ ନିଆଯାଉଛି । ମିଳିଥିବାସୂଚନା ଅନୁସାରେ ଏହି ସମୟ ମଧ୍ୟରେ କୃଷି ମନ୍ତ୍ରଣାଳୟ ପକ୍ଷରୁ ୭୫୩ଟି ପ୍ରସ୍ତାବର ଅନୁମୋଦନ ଏବଂ ୧ ଲକ୍ଷ ୭୦ହଜାର ବକେୟା ଅଭିଯୋଗର ସମାଧାନ ନିମନ୍ତେ ଲକ୍ଷ୍ୟ ରଖାଯାଇଛି ।

---

# ଟିକସ ହସ୍ତାନ୍ତର

କେନ୍ଦ୍ର ସରକାର ରାଜ୍ୟଗୁଡ଼ିକର ପୁଞ୍ଜି ଖର୍ଚ୍ଚକୁ ତ୍ୱରାନ୍ୱିତ କରିବା ପାଇଁ ଟିକସ ହସ୍ତାନ୍ତରର ଅଗ୍ରିମ କିସ୍ତି ରାଜ୍ୟଗୁଡ଼ିକୁ ୧ଲକ୍ଷ ୧ ହଜାର ୬୦୩ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଏହି କ୍ରମରେ ଓଡ଼ିଶାକୁ ୪ ହଜାର ୬୦୧ କୋଟି ଟଙ୍କା ମିଳିଥିବା ଜଣାପଡ଼ିଛି ।

---

# ବର୍ଷା

ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ପ୍ରଭାବରେ ରାଜ୍ୟର ଉପକୂଳ ଅଞ୍ଚଳ ସମେତ ଅନ୍ୟ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା

ଜାରି ରହିଛି । ଗଜପତି ଜିଲ୍ଲାରେ ବର୍ଷା ଯୋଗୁଁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବା ସହିତ କେତେକ ଅଞ୍ଚଳ ଜଳମଗ୍ନ ହୋଇଥିବା ଜଣାପଡ଼ିଛି । କେତେକ ସ୍ଥାନରେ ପାହାଡ଼ରୁ ମାଟି ଅତଡ଼ା ଖସି ଯାତାୟାତ ବାଧାପ୍ରାପ୍ତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଜପତି ଜିଲ୍ଲାର ସ୍ଥିତିର ସମୀକ୍ଷା କରିବା ସହିତ ରିଲିଫ୍ ଓ ସହାୟତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଦାୟିତ୍ୱ ଦେଇଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ତୁରନ୍ତ ଆବଶ୍ୟକ ସହାୟତା ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଅନ୍ୟପକ୍ଷରେ ମହେନ୍ଦ୍ରଗିରିରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁଁ ଅଟକି ରହିଥିବା ୧୫ ଜଣ ପର୍ଯ୍ୟଟକଙ୍କୁ ବନ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନ ସୁରକ୍ଷିତ ଭାବରେ ଉଦ୍ଧାର କରିଛି ।

# ବର୍ଷା

ଲଗାଣ ବର୍ଷା ଯୋଗୁଁ କୋରାପୁଟର କୋଲାବ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି । ଏହାକୁ ଦୃଷ୍ଟିରେ ରଖି ଜଳଭଣ୍ଡାରରୁ ଯେକୌଣସି ସମୟରେ ଜଳ ନିଷ୍କାସନ କରାଯିବ ବୋଲି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି । ଜଳଭଣ୍ଡାରର ଜଳଧାରଣ କ୍ଷମତା ୮୫୮ ମିଟର ଥିବା ବେଳେ ବର୍ତ୍ତମାନ ଜଳସ୍ତର ୮୫୬ ଦଶମିକ ୮/୪ ମିଟର ରହିଛି । ଅନ୍ୟପକ୍ଷରେ ପ୍ରବଳ ବର୍ଷା ଯୋଗୁଁ ବୋଙ୍ଗାଲାଗୁଡ଼ା ପୋଲ ଉପରେ ବର୍ଷା ଜଳ ପ୍ରବାହିତ ହେବାରୁ କୋରାପୁଟ-ରାୟଗଡ଼ା ଜାତୀୟ ରାଜପଥ ୩୨୬ରେ ଯାତାୟାତ ବାଧାପ୍ରାପ୍ତ ହୋଇଛି ।

# ବର୍ଷା-ଟ୍ରେନ୍ ଚଳାଚଳ ବାତିଲ

କୋରାପୁଟ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଯୋଗୁଁ ୱାଲ୍‌ଟିୟର ଡିଭିଜନର କୋଟ୍ଟାଭାଲ୍‌ସା-କିରଣ୍ଡୁଲ୍ ଓ କୋରାପୁଟ-ରାୟଗଡ଼ା ରେଳପଥରେ ଟ୍ରେନ୍ ସେବା ପ୍ରଭାବିତ ହୋଇଛି । ବିଶାଖାପଟନମ୍‌ରୁ ଛାଡ଼ିବାକୁ ଥିବା ବିଶାଖାପଟନମ୍ -କିରଣ୍ଡୁଲ୍ ନାଇଟ୍ ଏକ୍ସପ୍ରେସ୍ ଟ୍ରେନ୍‌କୁ ବାତିଲ କରାଯାଇଛି । ଅନ୍ୟପକ୍ଷରେ କିରଣ୍ଡୁଲ୍ ଯିବାକୁ ଥିବା ନାଇଟ୍ ଏକ୍ସପ୍ରେସରର ଯାତାୟାତ ସମୟରେ ପରିବର୍ତ୍ତନ କରାଯାଇଛି ।

---

# ରାୟଗଡ଼ା-ବର୍ଷା

ରେଳବାଇ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଟ୍ରାକ୍ ମରାମତି କରାଯାଇ ରେଳ ଚଳାଚଳ ସ୍ୱାଭାବିକ କରିବା ପାଇଁ ପଦକ୍ଷେପ ନିଆଯାଇଛି । ରାୟଗଡ଼ା ଜିଲ୍ଲାର ପିପଲଗୁଡ଼ା ଓ ଟିଟିସିଂହ ପଞ୍ଚାୟତରେ ପାହାଡ଼ରୁ ମାଟି ଅତଡ଼ା ଖସିଥିବା ଖବର ଆମର ହସ୍ତଗତ ହୋଇଛି ।

---

## ଭସାଣ ଟ୍ରାଫିକ କଟକଣା

କଟକ ସହରରେ ଗତକାଲି ସନ୍ଧ୍ୟାରୁ ମା’ ଦୁର୍ଗାଙ୍କ ଭସାଣ ଉତ୍ସବ ଆରମ୍ଭ ହୋଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୀଘାଟ ନିକଟରେ ମୂର୍ତ୍ତି ବିସର୍ଜନ ନିମନ୍ତେ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଛି ।  ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ କମିଶନରେଟ ପୋଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ମା’ଙ୍କ ପ୍ରତିମାଗୁଡ଼ିକ ବିସର୍ଜନ ଶେଷ ହେବା ପର୍ଯ୍ୟନ୍ତ

କମିଶନରେଟ୍ ପୋଲିସ୍ ପକ୍ଷରୁ କଟକଣା ବଳବତ୍ତର ରହିବ। ମୁଖ୍ୟ ଛକଗୁଡ଼ିକରେ ଟ୍ରାଫିକ ନିୟମ ଅନୁଯାୟୀ ଶୋଭାଯାତ୍ରା ପାଇଁ ଅନୁମତି ଦିଆଯାଇଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

## କାର୍ତ୍ତିକ ନୀତି

ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥି ଅବସରରେ ଆଜି ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରରେ ମହାକାର୍ତ୍ତିକ ନୀତି ଆରମ୍ଭ ହୋଇଛି। ଆଜିଠାରୁ ଆରମ୍ଭ ହେଉଥିବା ରାଧାଦାମୋଦର ବେଶ ଆସନ୍ତା କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଦଶମୀ ପର୍ଯ୍ୟନ୍ତ ଚାଲିବ। ଏହି ବେଶରେ ଥାଇ ଠାକୁରଙ୍କ ଗୋପାଳବଲ୍ଲଭ ଓ ସକାଳଧୂପ ନୀତି ସମ୍ପନ୍ନ କରାଯିବ।

# ସ୍ୱୟଂସେବକ ସଂଘ

ନୂଆପଡ଼ା ଜିଲ୍ଲା କୋମନାଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଉତ୍ସବ ପାଳନ ଅବସରରେ ସଂଘର କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଭାରତମାତା ଓ ମାତୃଭୂମିର ସୁରକ୍ଷାରେ ନିୟୋଜିତ ହେବା ପାଇଁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା ।

## ଇଏସ୍ଆଇ-ମାର୍ଗଦର୍ଶିକା

କର୍ମଚାରୀ ରାଜ୍ୟ ବୀମା ନିଗମ-ଇଏସ୍ଆଇସି କୋର୍ଟ ମାମଲା ସମାଧାନ ଏବଂ ମାମଲା ପ୍ରତ୍ୟାହାର ପାଇଁ ନୂତନ ଆମ୍ନେଷ୍ଟି ଯୋଜନା ୨୦୨୫ ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ଜାରି କରିଛି। ଅନୁପାଳନକୁ ସରଳ କରିବା ଏବଂ ବ୍ୟବସାୟ କରିବାକୁ ସହଜ କରିବା ପାଇଁ ମୋକଦ୍ଦମାର ବୋଝ ହ୍ରାସ କରିବା ଏହି ଯୋଜନାର ଲକ୍ଷ୍ୟ ରହିଛି। ସିମଲାରେ ଅନୁଷ୍ଠିତ ଇଏସ୍ଆଇସିର

୧୯୬ତମ ବୈଠକରେ ଏହି ଯୋଜନାର ଶୁଭାରମ୍ଭକୁ ଅନୁମୋଦନ କରାଯାଇଛି। ଏକ ସରକାରୀ ବିବୃତ୍ତି ଅନୁଯାୟୀ, ଆମନେଷ୍ଟି ଯୋଜନା-୨୦୨୫ ହେଉଛି, ଏକକାଳୀନ ବିବାଦ ସମାଧାନ ପଦକ୍ଷେପ। ଏହି ଯୋଜନା ନିଯୁକ୍ତିଦାତା ଏବଂ ବୀମାକୃତ ବ୍ୟକ୍ତିମାନଙ୍କୁ କୋର୍ଟ ବାହାରେ ଏକ ସଂରଚିତ ସମାଧାନ କରିବାର ସୁଯୋଗ ପ୍ରଦାନ କରେ। ଏହି ଯୋଜନା ଅକ୍ଟୋବର ୧ ତାରିଖରୁ ୩୦ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ।